

ଆଖି ଅନ୍ୟକୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ ବାଛି ବସେ, କିନ୍ତୁ ନିଜର ଭୁଲକୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ



## ସଂକ୍ଷେପରେ



### ଅଞ୍ଚଳ ବିକାଶ ପାଇଁ ସର୍ବଦଳୀୟ ବୈଠକ

ଦଶମନ୍ତପୁର,୧୬।୯(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ସ୍ଥିତ ମା' ଖମ୍ବେଶ୍ୱରୀଙ୍କ ପୀଠରେ ନାଗରିକ ଉନ୍ନୟନ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସର୍ବଦଳୀୟ ନେତାମାନଙ୍କ ସହ ୧୬ଟି ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ଦଶମନ୍ତପୁର ଏକ ଅନୁନ୍ନତ ବ୍ଲକ ଭାବେ ପରିଚିତ। ବିକାଶ ଧାରାଠାରୁ ବହୁଦୂରରେ ଥିବା ଏହି ବ୍ଲକକୁ କିପରି ଏକ ସୁନ୍ଦର ବ୍ଲକ ରୂପେ ଗଢ଼ି ତୋଳାଯିବ, ବୈଠକରେ ସେନେଇ ଆଲୋଚନା ହୋଇଥିଲା। ଲୋକ ପ୍ରତିନିଧିମାନେ ଏହି ବ୍ଲକରୁ ବିପୁଳ ସଂଖ୍ୟାରେ ଭୋଟ ପାଇ ନିର୍ବାଚିତ ହେବା ପରେ ସହରରେ ବସା ବାନ୍ଧୁଥିବା ବେଳେ ଦଶମନ୍ତପୁର ବ୍ଲକର ବିକାଶ କଥା ସେମାନେ ଭୁଲିଯାଉଛନ୍ତି ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ତେଣୁ ଆସନ୍ତା ନିର୍ବାଚନରେ ଏକତ୍ରିତ ହୋଇ ବ୍ଲକର ବିକାଶ କରିବା ପାଇଁ ସବୁଦଳକୁ ତ୍ୟାଗ କରିବାକୁ ହେବ ବୋଲି ଆହ୍ୱାନ ଦିଆଯାଇଥିଲା। ଦିଗଦର୍ଶକ ସାଜିଥିବା ତଥା ଅଞ୍ଚଳର ଉନ୍ନତି ଚିନ୍ତା କରୁଥିବା ଜଣେ ବ୍ୟକ୍ତିଙ୍କୁ ବ୍ଲକର ନୂତନ ପ୍ରାର୍ଥୀ ଭାବେ ଚୟନ କରି ବିଧାୟକ କିମ୍ବା ଏମ୍‌ପି ପ୍ରାର୍ଥୀ କରାଇ ଏକମତ ହୋଇ ତାଙ୍କୁ ଜିତାଇବାକୁ ସର୍ବଦଳୀୟ ନେତାମାନେ କହିଥିଲେ। ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ଜନସାଧାରଣ ଏଥିରେ ନିଜ ନିଜ ମତ ପ୍ରକାଶ କରିଥିଲେ। ଅନେକ ଅଞ୍ଚଳରେ ଆମ୍ବୁଲାନ୍ସ ଯାଇପାରୁନି। ରୋଗୀ ଭାରରେ ବୁହା ହେଉଛନ୍ତି। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏଭଳି ବିକାଶ କ୍ରମରେ ଲୋକ ପ୍ରତିନିଧିଙ୍କ କାର୍ଯ୍ୟକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏକ ସ୍ମାରକପତ୍ର ଦିଆଯିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଛି। ପ୍ରମୋଦ ଖରା, ସୁରେଶ ସୁବୁଦ୍ଧି ବୈଠକ ପରିଚାଳନା କରିଥିଲେ।



### ଭାଜପା ପକ୍ଷରୁ କାବ୍ୟାଞ୍ଜଳି

ଜୟପୁର,୧୬।୯(ନି.ପ୍ର.): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦେହାବସାନର ଏକ ମାସ ପୂର୍ତ୍ତି ଅବସରରେ ଜୟପୁର ଭାଜପା ତରଫରୁ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଏକ କାବ୍ୟାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବାସ ମିଶ୍ର, ଉଦୟ ଚନ୍ଦ୍ର ମିଶ୍ର, ଶକ୍ତି ଷଡ଼ଙ୍ଗୀ, ଅମର ଆହୁଜା, ଦେବେନ୍ଦ୍ର ବାହିନୀପତି, ଅନୁପ ପାତ୍ର, ଶୁଭେନ୍ଦୁ ବ୍ରହ୍ମା, ଶେଖର ପଟ୍ଟନାୟକ, ବୈଦନାଥ ମିଶ୍ର, ସାଧୁ ଦାସ ଚୌଧୁରୀ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ୫୦ ଜଣରୁ ଅଧିକ କବି ନିଜ କବିତା ପାଠ କରିଥିଲେ।

# ଉନ୍ନତ ଦର୍ଶାଇ ସଂଗ୍ରହ ହେଉଛି ନିକୃଷ୍ଟ ଚାଉଳ

## କେନ୍ଦ୍ରୀୟ ପଣ୍ୟାଗାର ନାଁରେ ଅଭିଯୋଗ

- ଦୋଷ ଲଦାଲଦି ହେଉଛନ୍ତି ପଣ୍ୟାଗାର କର୍ତ୍ତୃପକ୍ଷ ଓ ଯୋଗାଣ ବିଭାଗ
- ଅଣ ଓଡ଼ିଆ ମିଲର୍ସଙ୍କ ଭୂମିକା ନେଇ ପ୍ରଶ୍ନବାଚୀ

ଜୟପୁର,୧୬।୯(ଡି.ଏନ୍.ଏ.)

ଜୟପୁରସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ନିଗମ (ସିଡବ୍ଲ୍ୟୁସି)ରେ ଏଫଏକ୍ୟୁ ମାନର ଚାଉଳ ବଦଳରେ ନିମ୍ନମାନର ଚାଉଳ ସଂଗ୍ରହ କରାଯାଇ ଗଚ୍ଛିତ ରଖାଯାଉଛି। ଏହି ଚାଉଳକୁ ଯାଞ୍ଚ କରାଯାଇ ଅନଲୋଡିଂ ନିର୍ଦ୍ଦେଶ ଦେଉଥିବା ପଣ୍ୟାଗାରର ଅଧିକାରୀଙ୍କ କାର୍ଯ୍ୟଧାରା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାଞ୍ଚ ପ୍ରକ୍ରିୟାକୁ ନେଇ ପଣ୍ୟାଗାର କର୍ତ୍ତୃପକ୍ଷ ଓ ଯୋଗାଣ ବିଭାଗ ପରସ୍ପରକୁ ଦୋଷ ଦେଉଛନ୍ତି । କିନ୍ତୁ ବର୍ତ୍ତମାନ ଗୋଦାମ ଗୃହରେ ଗଚ୍ଛିତ ଚାଉଳ ହିତାଧିକାରୀଙ୍କୁ ଦେବା ପୂର୍ବରୁ ଯାଞ୍ଚ କରାଗଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଦାବି ହେଉଛି।

୨୦୧୭-୧୮ରେ ଚାଷୀଙ୍କଠାରୁ କିଣା ହୋଇଥିବା ଧାନକୁ ମିଲମାନଙ୍କ ଦ୍ୱାରା କଷ୍ଟମ ମିଲିଂ କରାଯାଇ ଏଫସିଆଇ, ରାଜ୍ୟ ନିଗମର ଚାଉଳ ସଂଗ୍ରହ କେନ୍ଦ୍ର, ଘରୋଇ ଗୋଦାମ ଏବଂ କେନ୍ଦ୍ରୀୟ ପଣ୍ୟାଗାର ଗୋଦାମ ପକ୍ଷରୁ ସଂଗ୍ରହ ପାଇଁ ନିର୍ଦ୍ଦେଶ ରହିଥିଲା । ସିଡବ୍ଲ୍ୟୁସି ଗୋଦାମ କେବଳ ୧ଲକ୍ଷ କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରିବା ଲାଗି ନିର୍ଦ୍ଦେଶ ରହିଥିଲା। ସେଥିରେ ମାଲକାନଗିରି ଜିଲାର ମିଲର୍ସଙ୍କଠାରୁ ୫୦ ହଜାର କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରାଯାଇଛି । କିନ୍ତୁ ଉକ୍ତ ଜିଲାର ମିଲ ମାଲିକଙ୍କ ସହ ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ସଲାସୁତରା କରି ଏଫଏକ୍ୟୁ ବଦଳରେ ଅଧିକ ଖୁଦ ଥିବା ଚାଉଳ ଦିଆଯାଇଛି। କ୍ୱିଣ୍ଟାଲ ପିଛା ୨୫ ପ୍ରତିଶତ ଖୁଦ ବଦଳରେ ୩୦ରୁ ୪୦ ପ୍ରତିଶତ ଖୁଦ ରହିଥିବା ଚାଉଳକୁ ଉନ୍ନତମାନର ଦର୍ଶାଇ ସିଡବ୍ଲ୍ୟୁସି ଏହାକୁ ଗ୍ରହଣ କରି ଗୋଦାମ ଘରେ ରଖିଛି। ଏଭଳି ଚାଉଳ ଦେଉଥିବା ମିଲର୍ସ ଓ ସିଡବ୍ଲ୍ୟୁସି ଅଧିକାରୀ, କର୍ମଚାରୀଙ୍କ ସହ ସଲାସୁତରାରେ ସ୍ଥାନୀୟ ଅଣ ଓଡ଼ିଆ ମିଲର୍ସ ମୁଖ୍ୟ ଭୂମିକା ନେଇଥିବା ଅଭିଯୋଗ ହୋଇଛି। ଏନେଇ ସିଡବ୍ଲ୍ୟୁସି ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ, 'ଏହି ଯାଞ୍ଚ ଦାୟିତ୍ୱ ଆମର ନୁହେଁ, ଆମେ କେବଳ ଗଚ୍ଛିତ ରଖିବୁ' କହି କଥାକୁ ଏଡ଼ାଇ ଯାଇଥିଲେ । ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଯାଞ୍ଚ କରି ଚାଉଳ ଗଚ୍ଛିତ ରଖିବା ସିଡବ୍ଲ୍ୟୁସିର କାମ। ଗୋଦାମରୁ ଚାଉଳ ବିଭିନ୍ନ ବ୍ଲକ ଓ ଅନ୍ୟ ସ୍ଥାନରେ ହିତାଧିକାରୀଙ୍କ ନିକଟକୁ ପଠାଇବା ଯୋଗାଣ ବିଭାଗର ଦାୟିତ୍ୱ। ଅନ୍ୟପକ୍ଷରେ ରାଜ୍ୟ ନିଗମ, ଘରୋଇ ଓ ସିଡବ୍ଲ୍ୟୁସିର ଅଭିଯୋଗସ୍ଥଳେ ଯାଞ୍ଚ କରିବା ଦାୟିତ୍ୱ ଏଫ୍‌ସିଆଇର ହୋଇଥିଲେ ମଧ୍ୟ ଏନେଇ ଜୟପୁର ଅଞ୍ଚଳର ବିଭାଗୀୟ ମ୍ୟାନେଜର ଅନୁରାଗ ରଞ୍ଜନ, 'ଏହି ଦାୟିତ୍ୱ ଆମର ନୁହେଁ, ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିବାକୁ କହିଥିଲେ।



ବୈଠକରେ ଜିଲା ବିଜେଡି ନେତା ଓ କର୍ମୀ।

■ଜିଲା ବିଜେଡି ବୈଠକ

## ପଞ୍ଚାୟତସ୍ତରୀୟ କର୍ମଶାଳାରେ ମଜଭୁତ୍ କରାଯିବ ସଙ୍ଗଠନ

କୋରାପୁଟ,୧୬।୯(ସ୍ୱ.ପ୍ର.)

କୋରାପୁଟ ଜିଲା ବିଜେଡି ପକ୍ଷରୁ ରବିବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଜିଲାର ୨୪୦ଟି ପଞ୍ଚାୟତରେ କର୍ମଶାଳା କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ବାବଦରେ ଗ୍ରାମାଞ୍ଚଳବାସୀଙ୍କୁ ସଚେତନ କରାଯିବ। ବୈଠକରେ ଏହା ଉପରେ ହିଁ ଗୁରୁତ୍ୱାରୋପ କରିଛନ୍ତି ଜିଲା ପ୍ରଭାରୀ ତଥା ପୂର୍ବତନ ଶକ୍ତିମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ।

ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଳର ନେତା ଓ କର୍ମୀଙ୍କୁ ଏକଜୁଟ କରି ତୃଣମୂଳ ସ୍ତରରେ ବିଜେଡିର ସ୍ଥିତି ଅଧିକ ମହଜୁତ୍ କରିବା ଉପରେ ଏଥିରେ ଜୋର୍ ଦିଆଯାଇଥିଲା। ଆଗାମୀ ନିର୍ବାଚନରେ ଜିଲାର ୫ଟି ବିଧାନସଭା ଆସନ ଦଖଲ କରିବା ଓ ବିପକ୍ଷ ଦଳର ପ୍ରାର୍ଥୀଙ୍କୁ ହରାଇବା ପାଇଁ କି ପ୍ରକାର ରଣନୀତି ଅବଲମ୍ବନ କରାଯିବ, ସେ ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ରାଜ୍ୟ ପର୍ଯ୍ୟବେକ୍ଷକ ତେଜେଶ୍ୱର ପରିଡ଼ା, କୋରାପୁଟ ଜିଲା ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ କମଲୁ ଜାନି, କୋରାପୁଟ ଏମ୍‌ପି ଝିନ୍ନ ହିକକା, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଗୁପ୍ତ ପ୍ରସାଦ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ଉପାଧ୍ୟକ୍ଷା ତୁଳସୀ କିର୍ସାନି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମାଳତି ମାଝି, ଶିବ ପଟ୍ଟନାୟକ, ଜିଲା ବିଜେଡି ଯୁବ ସଭାପତି ଅମିତ ଅଗ୍ରୱାଲ ଯୋଗ ଦେଇଥିଲେ।

■ନାଗରିକ କମିଟି ସାଧାରଣ ବୈଠକ

## ଜୟପୁରକୁ ଜିଲା ଘୋଷଣା ଦାବି ତେଜିଲା



ବୈଠକରେ ନାଗରିକ କମିଟିର କର୍ମକର୍ତ୍ତା।

ଜୟପୁର,୧୬।୯(ନି.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପରେ ଜୟପୁର ନାଗରିକ କମିଟିର ସାଧାରଣ ବୈଠକ ଇଂ ନରେଶନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଐତିହାସିକ ଜଗନ୍ନାଥ ସାଗରର ପୁନରୁଦ୍ଧାର, ବିପଦସଙ୍କୁଳ ଟ୍ରାଫିକ, ଅବକ୍ଷୟପ୍ରାପ୍ତ ନାଳ ନର୍ଦ୍ଦମା, ଜମିପଟ୍ଟାରୁ ହସ୍ତାନ୍ତରଯୋଗ୍ୟ ନୁହେଁ ଉଚ୍ଛେଦ, ଜବରଦଖଲ ଉଚ୍ଛେଦ, ଆବର୍ଜନା ନିଷ୍କାସନ, ଦୈନିକ ବଜାର ସମସ୍ୟା, ସହରରେ ରେଳ ଟିକେଟ ବୁକିଂ କାଉଣ୍ଟର, ବସଷ୍ଟାଣ୍ଡ ଓ ଏୟାରଷ୍ଟ୍ରିପର ଉନ୍ନତିକରଣ, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦିଆଯିବା ନେଇ ଆଲୋଚନା ହୋଇଥିଲା । ବୈପାରିଗୁଡ଼ା, କୁନ୍ଦୁରା, ବୋରିଗୁମ୍ମା, କୋଟପାଡ଼, ଜୟପୁରକୁ ମିଶାଇ ସ୍ୱତନ୍ତ୍ର ଜୟପୁର ଜିଲା ଘୋଷଣା ଦାବି ଏଥିରେ ତେଜିଥିଲା। ବୈଠକରେ କମିଟି ଉପସଭାପତି ମୀନକେତନ ଦାସ, ବିନୋଦିନୀ ପାତ୍ର ସାନ୍ତ୍ରା, ରାମକୃଷ୍ଣ ସାହୁ, ସୁରେଶ ଦାସ, ଗଙ୍ଗାଧର ନନ୍ଦ, ମଦନ ମୋହନ ନାୟକ, ଦିଗାମ୍ବର ଗମାଙ୍ଗ, ପ୍ରଭୁଦାନ ଭତ୍ରା, ନିର୍ମଳ ଚନ୍ଦ୍ର ମଲ୍ଲିକ, ପରମେଶ୍ୱର ପାତ୍ର, ବିରେଶ ପଟ୍ଟନାୟକ, ପ୍ରଫୁଲ୍ଲ ଦାଶ, ଭାସ୍କର ସାମନ୍ତରା ଓ କୃଷ୍ଣକେଶବ ଷଡ଼ଙ୍ଗୀ ଏଥିରେ ମତ ରଖିଥିଲେ। କମିଟି ସଂପାଦକ ସତ୍ୟବାନ ପଣ୍ଡା ବିବରଣୀ ପାଠ କରିଥିଲେ। ଏକ ମାସ ଭିତରେ ପ୍ରଶାସନ ଓ ପୌରପରିଷଦ ସମସ୍ୟା ସମାଧାନ ନକଲେ କମିଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଶେଷରେ ସହ ସମ୍ପାଦକ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଣହିନ୍ଦୁ ଯୁବକଙ୍କ ସହ ନାବାଳିକା ଫେରାର ଘଟଣା ତେଜୁଛି

ବୋରିଗୁମ୍ମା,୧୬।୯(ଡି.ଏନ୍.ଏ.)

ବୋରିଗୁମ୍ମା ଅଞ୍ଚଳର ଜଣେ ଅଣହିନ୍ଦୁ ଯୁବକଙ୍କ ସହ ନାବାଳିକା ଫେରାର ହେବା ଘଟଣାକୁ ନେଇ ଉତ୍ତେଜନା ତେଜୁଛି। ପ୍ରଶାସନର ନିଷ୍କ୍ରିୟତାକୁ ଦେଖି ନାବାଳିକାଙ୍କ ପରିବାର ରବିବାର ବୋରିଗୁମ୍ମା ଛକରେ ଧାରଣାରେ ବସିଥିବା ବେଳେ ସ୍ଥାନୀୟ ଲୋକେ ସମର୍ଥନ ଦେଇଛନ୍ତି। ଜୟପୁର ଏସ୍‌ଡିପିଓ ପିୟୁଷ ଦିବାକର ନାବାଳିକା ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଅଡ଼ିବସିଥିଲେ ଯେ ରବିବାର ସୁଦ୍ଧା ନାବାଳିକା ଘରକୁ ନଫେରିଲେ ସୋମବାର ବୋରିଗୁମ୍ମା ଅଞ୍ଚଳରେ ଦୋକାନ ବଜାର ବନ୍ଦ କରାଯିବ। ସକାଳେ ବୋରିଗୁମ୍ମା ଥାନା ଏସ୍‌ଆଇ ଅନସୂୟା ନାୟକ ନାବାଳିକାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ବିଫଳ ହେବା ପରେ ଧାରଣା ଆରମ୍ଭ ହୋଇଥିଲା। ପ୍ରଶାସନ ଏହାକୁ ଗୁରୁତର ଭାବେ ନନେଲେ ସାମ୍ପ୍ରଦାୟିକ ବାତାବରଣ ସୃଷ୍ଟି ହେବା ଅମୂଳକ ନୁହେଁ।

## ଜରାଜୀର୍ଣ୍ଣ କୋଠାରେ ଚାଲିଛି ପବ୍ଲିକ ସ୍କୁଲ

**ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା**



ପ୍ରେସ୍ ବିଜ୍ଞପ୍ତିରେ ସ୍ୱାଭିମାନ ମଞ୍ଚ କର୍ମକର୍ତ୍ତା।

ଜୟପୁର,୧୬।୯(ନି.ପ୍ର.)

ସ୍ଥାନୀୟ ପବ୍ଲିକ ସ୍କୁଲ, ପୌରପରିଷଦ, କ୍ରିଟ, ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏତଲା କରିଛି ଜୟପୁର ସ୍ୱାଭିମାନୀ ମଞ୍ଚ। ଏହାକୁ ଗୁରୁତର ସହ ନେଇ ଦଫା ୧୩୩ ସିଆରପିସିରେ ଉପଜିଲାପାଳ ମାମଲା ରୁଜୁ କରିଛନ୍ତି। ମଞ୍ଚ ସଭାପତି ଡ. ଗଙ୍ଗାଧର ନନ୍ଦ, ଉପ ସଭାପତି ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର ଓ ସୁଧାଂଶୁ ଶେଖର ଜେନା, ଯୁଗ୍ମ ସମ୍ପାଦକ ଭକ୍ତ ବଲ୍ଲଭ ପାଢ଼ୀ ଏହି ଏତଲା ଦେଇଥିଲେ।

ଜୟପୁର ସୂର୍ଯ୍ୟମହଲ ରାଜପ୍ରସାଦ ପରିସରରେ ଯେଉଁ ପବ୍ଲିକ ସ୍କୁଲ ରହିଛି, ତାହା ଶହେ ବର୍ଷ ତଳେ ନିର୍ମିତ ଜରାଜୀର୍ଣ୍ଣ କୋଠାରେ ଚାଲିଛି। ଏଠିକାର ଶତାଧିକ ଛାତ୍ରୀଛାତ୍ରଙ୍କ ପ୍ରତି ଏହା ବିପଦ ଆଶଙ୍କା ସୃଷ୍ଟି କରୁଥିବାରୁ ଏଠାରେ ବିଦ୍ୟାଳୟ ଚାଲିବା ଅନୁପଯୁକ୍ତ ବୋଲି ମଞ୍ଚ କହିଛି। କୋଠା ବିପଦସଙ୍କୁଳ ଥିବା ଜାଣି ମଧ୍ୟ ଜୟପୁର ପୌର ପରିଷଦ, କୋରାପୁଟ ଜିଲା ଆଞ୍ଚଳିକ ଉନ୍ନୟନ ସଂସ୍ଥା ଏବଂ ରାସ୍ତା ଓ ଗୃହ ବିଭାଗ ନିରବ ରହିଛନ୍ତି। କୋଠାର ମାଲିକ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ଖାଲି କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଶହ ଶହ ପିଲାଙ୍କ ଜୀବନ ସହ ଖେଳି ସ୍କୁଲ ମାଲିକ ବ୍ୟବସାୟ କରୁଥିବା ମଞ୍ଚ ଅଭିଯୋଗ କରିଛି। ଏହି ସ୍କୁଲକୁ ବନ୍ଦକରି ଅନ୍ୟ ଜାଗାକୁ ସ୍ଥାନାନ୍ତର କରିବା ପାଇଁ ମଞ୍ଚ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲା।

■ଇଞ୍ଜିନିୟର୍ସ ଦିବସ ପାଳିତ

## 'ଦେଶ ଗଠନରେ ଯନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଦାମନଯୋଡ଼ି,୧୬।୯(ଡି.ଏନ୍.ଏ.)

ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ ଅଫ୍ ନାଲକୋ ଓ ସୁନାବେଡ଼ାର ଏରୋନଟିକ୍ସ ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ୫୧ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ରବିବାର ସନ୍ଧ୍ୟାରେ ନାଲକୋ ଟାଉନସିପ୍ ସେକ୍ଟର-୧ ମୁକ୍ତମଞ୍ଚରେ ଅନୁଷ୍ଠିତ ଏହି ଉତ୍ସବରେ ଦେଶର ପ୍ରଥମ ଯନ୍ତ୍ରୀ ଭାରତରତ୍ନ ଏମ୍. ବିଶ୍ୱେଶ୍ୱରୟାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ନାଲକୋ ମହାପ୍ରବନ୍ଧକ ଇଂ ସୁଶୀଳ ପାଢ଼ୀ ମୁଖ୍ୟବକ୍ତା, ମହାପ୍ରବନ୍ଧକ ଭୀମସେନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶରେ ଯନ୍ତ୍ରୀଙ୍କ ଗୁରୁତ୍ୱ ସହ ନାଲକୋ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକାର ପ୍ରଶଂସା କରିଥିଲେ। ଡିଇଏଏନ୍ ସଭାପତି ଇଂ ନିର୍ମଳ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଇଂ ଏମ୍. କ୍ରିଷ୍ଣା ବିଶ୍ୱେଶ୍ୱରୟାଙ୍କ ଜୀବନୀ ପାଠ କରିଥିଲେ। ଇଂ ମନୋଜ ଗନ୍ତାୟତ ଓ ଇଂ ପ୍ରଶାନ୍ତ ଶତପଥୀ ମଞ୍ଚ ପରିଚାଳନା ଓ ଇଂ ଶଙ୍କର୍ଷଣ ବିଶ୍ୱାଳ ଶେଷରେ ଧନ୍ୟବାଦ ଦେଇଥିଲେ। ଇଂ ପ୍ରବୀର ସାହୁ 'ଡିଜିଟାଲ ଟାନ୍ସଫର୍ମେସନ: ଏ ନ୍ୟୁ ଇଣ୍ଡଷ୍ଟ୍ରିଆଲ ରିଭୋଲ୍ୟୁସନ' ଶୀର୍ଷକ ବୈଷୟିକ ପେପର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ନିକଟରେ ଅବସର ନେଇଥିବା ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଏବଂ ଆଖପାଖ ୧୦ଟି ସ୍କୁଲର ମାଟ୍ରିକ ଟପ୍ପରଙ୍କୁ ପୁରସ୍କୃତ କରାଯାଇଥିଲା।



ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

■ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଚମ୍ପାପଦର ଚାମ୍ପିୟନ

ନନ୍ଦପୁର,୧୬।୯(ଡି.ଏନ୍.ଏ.)

ବାଲଡ଼ାରେ ସ୍ୱର୍ଗତ ମାନସରଞ୍ଜନ ପାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଦାମନଯୋଡ଼ି ସ୍ଥିତ ଚମ୍ପାପଦର ୨-୧ ଗୋଲ୍‌ରେ ସୁନାବେଡ଼ାକୁ ହରାଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୨୦ ହଜାର ଏବଂ ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ, ଜିଲା କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା, ସାମାଜିକ କର୍ମୀ ଏ. ଲୋକନାଥ, ବାଲଡା ସମିତିସଭ୍ୟ ରାମକୃଷ୍ଣ ପଡ଼ାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର ଯୋଗ ଦେଇଥିଲେ। ଶ୍ରେଷ୍ଠ ସ୍କୋରର ମାଲକାନଗିରି ଟିମ୍‌ର ସନିଆ ଗୋଲରୀ, ଶୃଙ୍ଖଳିତ ଟିମ୍ ସୁନାବେଡ଼ାର ମାଲିଗୁଡ଼ା, ଶ୍ରେଷ୍ଠ ଗୋଲକିପର ଝୁନା ବାଗ ପୁରସ୍କୃତ ହୋଇଥିଲେ। କୋଟପାଡ଼ର ଦେବୀ ପାତ୍ର ମ୍ୟାଚ୍ ପରିଚାଳନା, ଲାଇନମ୍ୟାନ୍ ଭାବେ ପାତ୍ତୁଆର ମନୋରଞ୍ଜନ ଦାସ, ଡମ୍ବରୁଧର ମାଝି ଦାୟିତ୍ୱ ତୁଲାଇଥିଲେ।

## ଫଟୋରେ ଖବର



ବୈପାରୀଗୁଡ଼ା ବ୍ଲକ ଟାଙ୍ଗିଣିଗୁଡ଼ା ସତ୍‌ସଙ୍ଗ କେନ୍ଦ୍ରରେ ରବିବାର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମଦିବସରେ ଗୋପାଳକୃଷ୍ଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଭଜନ କୀର୍ତ୍ତନ। ଗୁରୁଭାଇ ଅମୂଲ୍ୟ ଚନ୍ଦ୍ର ଧଳ, ବିଦ୍ୟୁତରଣ ମହାନ୍ତି, ପ୍ରଫୁଲ୍ଲ ସ୍ୱାଇଁ, ଧରଣୀଧର ସାହୁ, କୃପାସିନ୍ଧୁ ସାହୁ, ମନମୋହନ ମଲ୍ଲିକ ଏହାର ପରିଚାଳନା କରିଥିଲେ।



ସେମିଳିଗୁଡ଼ା ମ୍ୟୁନିସିପାଲିଟି ଅଧୀନସ୍ଥ ଗାନ୍ଧିନଗର ଗଣେଶ ପୂଜାରେ ତୃତୀୟ ଦିନ ଅଞ୍ଚଳର ମଙ୍ଗଳ କାମନା କରି ଦଶ ହଜାର ଏକ ଦୀପ ଜାଳିଛନ୍ତି ସ୍ଥାନୀୟ ବାସିନ୍ଦା। ପୂଜା କମିଟି ସଭାପତି ଅଶୋକ ପ୍ରଧାନ, ପପୁ ସାହୁ, ବାବୁ ନାୟକ, ଦିପେଶ ବରାଡ଼, କାହ୍ନା ପ୍ରଧାନ ଏହାର ଆୟୋଜନ କରିଥିଲେ।



ଜୟପୁର ବ୍ଲକ ଅଧୀନରେ ଥିବା ହିତାଧିକାରୀଙ୍କୁ ରବିବାର ବିଧାୟକ ତାରାପ୍ରସାଦ ବାହିନୀପତି ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରୁଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ପ୍ରତିନିଧି ବସନ୍ତ ନାୟକ, ବିଧାୟକ ପ୍ରତିନିଧି ଭାସ୍କର ପଟ୍ଟନାୟକ, ତୁଳାରମ ହରିଜନ ଉପସ୍ଥିତ ଥିଲେ।



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମ ଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼େ।

- ମହାବୀର ଜୈନ



## ସଂକ୍ଷେପରେ



### ସମାଜ ମଙ୍ଗଳ ସଂଘ ପକ୍ଷରୁ ସଫେଇ

ନବରଙ୍ଗପୁର,୧୬।୯(ଡି.ଏନ.ଏ.): ସମାଜ ମଙ୍ଗଳ ସଂଘ ପକ୍ଷରୁ ଜିଲା କର୍ମନିୟୋଜନ କାର୍ଯ୍ୟାଳୟରୁ ବାପୁଜୀ ବିଦ୍ୟାଳୟ ପର୍ଯ୍ୟନ୍ତ ସଫେଇ କରାଯାଇଛି। ରାସ୍ତାକଡରେ ଉଠିଥିବା ଅନାବନା ଗଛ ଓ ଅରମାବଣକୁ ସଫା କରି ରାସ୍ତାକଡରେ ପଡିରହିଥିବା ଆବର୍ଜନା ଗୁଡିକ ହଟାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସଭାପତି ଜଗନ୍ନାଥ ବେହେରା, ସମ୍ପାଦକ ବିଷ୍ଣୁ ବିଷୋୟୀ, ନିତ୍ୟାନ୍ଦ ମହାନ୍ତି, ଦେବରାଜ ପଟ୍ଟନାୟକ, କୁନା ଦେବ, ଅରୁଣ ନିଳମଣି ମହାଙ୍କୁଡ, ସନ୍ତୋଷ ପଣ୍ଡା, ପ୍ରଦୀପ ଦାଶ, ପରିତୋଷ ପାଉଲ ସମେତ ସାହି ବାସିନ୍ଦା ସହଯୋଗ କରିଥିଲେ ।

### କେନ୍ଦୁଗୁଡ଼ା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ



ଡାବୁଗାଁ, ୧୬।୯ (ଡି.ଏନ.ଏ.): ବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ କେନ୍ଦୁଗୁଡା ଗ୍ରାମରେ ଗ୍ରାମବାସୀ ରବିବାର ନୂଆଖାଇ ପର୍ବ ପାଳନ କରିବା ସହ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଜିଲା ଯୁବ ବିଜେଡି ଉପସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମପି ପ୍ରତିନିଧି ଏମ୍.ଆପ୍ପା ରାଓ, ଲିଙ୍ଗରାଜ ଭତ୍ରା ,ସାଲିମଧର ଭତ୍ରା, ୱାର୍ଡ ସଭ୍ୟ ନରସିଂ ଭତ୍ରା, , ଲକ୍ଷ୍ମଣ ଭତ୍ରା, ନିଧି ଭତ୍ରା, ମୋତିରାମ ଭତ୍ରା, ଦଇମନ ଭତ୍ରା, ନରସିଂ ଭତ୍ରା, ସମୁଦୁ ଭତ୍ରା ଓ ଗ୍ରାମବାସୀ ଉପସ୍ଥିତ ରହି ଥିଲେ।

### କବିତା ପାଠୋତ୍ସବ

ଉମରକୋଟ,୧୬।୯(ଡି.ଏନ୍.ଏ.): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦେହାବସାନର ଏକ ମାସ ପୂର୍ତ୍ତି ଅବସରରେ ସାରା ଭାରତରେ କବ୍ୟାଞ୍ଜଳି ସମିତି ତରଫରୁ ସାହିତ୍ୟ ସଭା ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଉମରକୋଟ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଇନଷ୍ଟିଚ୍ୟୁଟ ଅଫ୍ ଭୋକେଶନାଲ ଏଜୁକେଶନଠାରେ କାବ୍ୟାଞ୍ଜଳି ସମିତିର ଆବାହକ ସୁରେଶ କୁମାର ଆଚାର୍ଯ୍ୟଙ୍କ ଆବାହନ ତଥା ଦାସିଆ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠୋତ୍ସବରେ ଉମରକୋଟ, ରାଇଘର ଏବଂ ଝରିଗାଁ ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ, ଅଧାପକ, ଶିକ୍ଷକ ଯୋଗ ଦେଇଥିଲେ । ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଉପରେ ସ୍ୱରଚିତ କବିତା ପାଠ କରାଯାଇଥିଲା । ଏଥି ସହିତ ରାଇଘର ମହାବିଦ୍ୟାଳୟର ଅଧାପକ ପରୀକ୍ଷିତ ସାହୁ ଅଟଳ ବିହାରୀ ବାଜପେୟୀଙ୍କ ସାହିତ୍ୟ କୃତୀ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ ସ୍ୱର୍ଗତ ବାଜପେୟୀଙ୍କ ରାଜନୈତିକ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଶିକ୍ଷକ ତାଲିମ କେନ୍ଦ୍ରର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଦାସିଆ ସାଂସ୍କୃତିକ ପରିଷଦର ସମ୍ପାଦକ ଏମ୍. ହିମାଂଶୁ ଆଚରୀ ଏବଂ ବିବେକାନନ୍ଦ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଦାସିଆ ସାଂସ୍କୃତିକ ପରିଷଦର ସଭାପତି ଟୁଟୁବାବୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପାଠୋତ୍ସବରେ ବିଶିଷ୍ଟ ସାହିତ୍ୟିକ କେଦାରଶ୍ୱର ପଟ୍ଟନାୟକ, ହୃଷୀକେଶ ତ୍ରିପାଠୀ, ମନୋରମା ମହାପାତ୍ର, ଶାନ୍ତିଲତା ମହାନ୍ତି, ଗୀତାଞ୍ଜଳୀ ଦାଶ, ବିଦ୍ୟୁତ୍ ପାତ୍ର ତଥା ବିଜେପି ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଗଣ୍ଡ, ପି. ଚନ୍ଦ୍ର ରାଓ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

■ ନବରଙ୍ଗପୁର ଉପକାରାଗାରରେ ନୂଆଁଖାଇ ପାଳିତ

# ପାରମ୍ପରିକ ସଙ୍ଗୀତରେ ଅନ୍ତେବାସୀ ମସ୍‌ଗୁଲ୍

ନବରଙ୍ଗପୁର,୧୬।୯(ବି.ପ୍ର.)

ନବରଙ୍ଗପୁର ଉପକାରାଗାରଠାରେ ରବିବାର ନୂଆଖାଇ ପର୍ବ ପାଳିତ ହୋଇଛି। ସମସ୍ତ ବିଚରାଧିନ ଅନ୍ତେବାସୀ ଏବଂ କଏଦୀ ଏକାଠି ବସି ନୂଆ ଖାଇଛନ୍ତି । ଭାରପ୍ରାପ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଓକିଲ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର ଓ ମନୋରମା ମାଝୀ ଯୋଗ ଦେଇ ନୂଆଖାଇ ଆମ ପରମ୍ପରା ଓ ଏହା କିଭଳି ପାଳନ କରାଯାଉଛି, ଏହାର ଉଦ୍ଦେଶ୍ୟ କଣ ସେ ନେଇ ଆଲୋକପାତ କରିଥିଲେ। ଏଠାରୁ ବାହାରିବା ପରେ ସେମିତି କୌଣସି ଭୂଲ କାମ ନ କରିବାକୁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଅନ୍ତେବାସୀଙ୍କୁ କହିଥିଲେ। ଦୁଇ ଜଣ ବିଚରାଧିନ ଅନ୍ତେବାସୀ ଅର୍ଥ ଅଭାବ ଲାଗି ନିଜ ପକ୍ଷ ପାଇଁ ଓକିଲ ଯୋଗାଡ କରିପାରୁ ନଥିବା ସମ୍ପାଦକ ରାମ ପ୍ରସାଦଙ୍କୁ କହିଥିଲେ। ମନୋରମା ମାଝୀ ଅନ୍ତେବାସୀଙ୍କ ସହ ଭାବ ବିନିମୟ କରିଥିଲେ। ଜୀବନ ଶୈଳୀ, ବିବାହ ପ୍ରଥା, ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁସମ୍ପର୍କ ଏକ ଦୀର୍ଘ ସ୍ଥାୟୀ। ଏହାକୁ କିଭଳି ପରିବାର ମଧ୍ୟରେ ପାଳନ କରିବା ସେ ସମ୍ପର୍କରେ ସ୍ଥାନୀୟ ଆଦିବାସୀ ଭାଷାରେ ଢଗଢମାଳି ମାଧ୍ୟମରେ ବୁଝାଇଥିଲେ।



ଅନ୍ତେବାସୀଙ୍କ ସହ ଉପସ୍ଥିତ ଅତିଥିମାନେ।

ପରେ ଅନ୍ତେବାସୀମାନେ ବିଭିନ୍ନ ଦେଶାତ୍ମକବୋଧ ସଙ୍ଗୀତ, ପାରମ୍ପାରିକ ଭାଷାର ଆଦିବାସୀ ନାଚର ଗୀତ, ବିଭିନ୍ନ ଆଦିବାସୀ ଓ ସମ୍ବଲପୁରୀ ସଙ୍ଗୀତ ଗାଇବା ସହ ନାଚଗୀତରେ ମସଗୁଲ ହୋଇ ଉଠିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜେଲ କର୍ମଚାରୀ ଆସିଷ୍ଟାଣ୍ଟ ଜେଲର ଖଗେଶ୍ୱର ସିଂ, ଫର୍ମାସିଷ୍ଟ ଦେବ ପ୍ରସାଦ ସୁବୁଦ୍ଧି, ଚିଫ ୱାର୍ଡର ଦେବେନ୍ଦ୍ର ନାୟକ, ଜଗନ୍ନାଥ ବଡତିଆ, ୱାର୍ଡର ମନରଞ୍ଜନ ପ୍ରଧାନ, ଗୋକୁଳ ମଲ୍ଲିକ, ଯୁଧିଷ୍ଠିର ଦାଶ, ଦୁଷ୍ମନ୍ତ ଚମ୍ପତି, ବିଜୟ ଓରାମ, ଗଙ୍ଗାରାମ ସୁରୀ, ରଶ୍ମିରାଣୀ ପଟ୍ଟନାୟକ, ଟି. ସାରଦା କୁମାରୀ ଓ ସୀତାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମନୋଷା ମନୋନୀତ

## ଏନଏସଏସ ଦିବସରେ ପାଇବେ ରାଜ୍ୟପାଳଙ୍କଠାରୁ ପୁରସ୍କାର

ନବରଙ୍ଗପୁର,୧୬।୯(ବି.ପ୍ର.)

ଜାତୀୟ ସେବା ସଂସ୍ଥା (ଏନଏସଏସ) ପକ୍ଷରୁ ୨୦୧୭-୧୮ ବର୍ଷ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ନବରଙ୍ଗପୁର ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ରାଜନୀତି ବିଜ୍ଞାନ ସମ୍ମାନ ଛାତ୍ରୀ ମନୋଷା ତ୍ରିପାଠୀ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ ତାରିଖ ଜାତୀୟ ସେବା ଦିବସରେ ଭୁବନେଶ୍ୱର ସ୍ଥିତ ଇଡିକଲ ଅଡିଟୋରିୟମ ଠାରେ ରାଜ୍ୟପାଳ ତାଙ୍କୁ ପୁରସ୍କାର ପ୍ରଦାନ କରିବେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଚିଠି ମାଧ୍ୟମରେ ଜଣାଇଛନ୍ତି । ଜାତୀୟ ସେବା ସଂସ୍ଥା ପକ୍ଷରୁ ରାଜ୍ୟର ୫ଶହ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ ଜଣଙ୍କୁ ଜୁରୀ କମିଟି ମନୋନୀତ କରିଛନ୍ତି। ମନୋଷାଙ୍କ ନାମ ସର୍ବାଗ୍ରେ ରହିଛି। କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ବ୍ୟାପାର ବିଭାଗ ଜାତୀୟ ସେବା ସଂସ୍ଥା ନିର୍ଦ୍ଦେଶକ ଏବଂ ଓଡିଶାର ଏହି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହି ଚୟନ କମିଟିରେ ରହିଥିଲେ। ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ସଂସ୍ଥାରେ ମନୋନୀତ ହୋଇ



ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥ ଠାରେ ସେ ପରେଡରେ ଭାଗ ନେଇଥିଲେ । ଦିଲ୍ଲୀରେ ବିଭିନ୍ନ ସମାଜସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ପାରିଦର୍ଶିତା ପ୍ରଦର୍ଶନ କରି କୃତକାର୍ଯ୍ୟ ହାସଲ କରିଥିଲେ । କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଅନ୍ତର୍ଜାତୀୟ ମନୋନୀତ ପ୍ରକ୍ରିୟାରେ ଚୟନ ହୋଇ ସେ ନେପାଳ ଯାଇଥିଲେ। ସେଠାରେ ୭ ଦିନ ରହି ନେପାଳ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିଲେ। ମନୋଷା ହେଉଛନ୍ତି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଝିଅ । ଏଆଇସିସିର ସର୍ବ କନିଷ୍ଠା ସଭ୍ୟା ।

# ଡାବୁଗାଁ ଜୟ ଭାରତ ଅଟୋ ମାଲିକ ସଂଘର ବୈଠକ

ଡାବୁଗାଁ, ୧୬।୯ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ଗ୍ରାମସ୍ଥିତ ହାଟପଦା ଠାରେ ଡାବୁଗାଁ ଜୟ ଭାରତ ଅଟୋ ମାଲିକ ସଂଘର ଏକ ଜରୁରୀ ବୈଠକ ଓ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମିହିର ଶଙ୍କର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଥମେ ନିଜ ନିଜ ଭିତରେ ନୂଆଖାଇ ଭେଟ ହୋଇ ସମସ୍ତେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ବୈଠକ ଆରମ୍ଭ କରିଥିଲେ। ତୈଳ ଦର ବୃଦ୍ଧି ହୋଇଥିବାରୁ ଅଟୋ ଭଡା ବୃଦ୍ଧି କରିବା ପାଇଁ ଆଲୋଚନା କରାଯାଇଥିଲା । ଏହାସହ ଗାଡିର ସମସ୍ତ କାଗଜ ପତ୍ର ଠିକ ରଖିବା , ଇନ୍ସ୍ୟୁରାନ୍ସ ତାରିଖ ସରିଯାଇଥିଲେ ନୂତନ ଇନ୍ସ୍ୟୁରାନ୍ସ କରିବା ଏବଂ ଯେଉଁ ଅଟୋ ଡ୍ରାଇଭର ମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନାହିଁ ସେମାନେ ଯଥାଶୀଘ୍ର ଡ୍ରାଇଭିଂ ଲାଇସେନ୍ସ କରାଇବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଉପସଭାପତି ଉତ୍ତମ ପ୍ରଧାନ, ସମ୍ପାଦକ ଗଗନ ଗନ୍ତାୟତ, ହରେଶ ଖୁଣ୍ଟିଆ, ଗଣେଶ କଲାର, ଭୁବନ ହରିଜନ, ଟଙ୍କ ହରିଜନ, କିଶୋର ଚନ୍ଦ୍ର ପରିଡା, ପବନ ବିଶୋଇ, ରାହୁଲ ହରିଜନ, ମିଟୁ ପଣ୍ଡା , ମଙ୍ଗଳ ହରିଜନ, ମଉଜିରାମ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଟୋ ସଂଘର କର୍ମକର୍ତ୍ତାମାନେ।

■ ରାଜ୍ୟସ୍ତରୀୟ ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ

# ଅର୍ଥନୈତିକ ବ୍ୟବସ୍ଥାରେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

ନବରଙ୍ଗପୁର,୧୬।୯,(ବି.ପ୍ର)

ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଜିଲାବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ରାଜ୍ୟ ବ୍ରାହ୍ମଣ ମହାସଭାର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକୀୟ ପାଠ ସହ କୋଷାଧ୍ୟକ୍ଷ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ବାହ୍ମଣ ମହାସଭାର ଉପସଭାପତି ଡଃ. ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ସଭାପତି ସୀମାଞ୍ଚଳ ମହାପାତ୍ର, ଉପସଭାପତି ଲକ୍ଷ୍ମୀ ନାରାୟଣ ଚୌଧୁରୀ, ରାଜ୍ୟ ସମ୍ପାଦକ ପିତବାସ ପଣ୍ଡା, ଆଞ୍ଚଳିକ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାପାତ୍ର, ସର୍ବଭାରତୀୟ ବ୍ରାହ୍ମଣ ମହାସଭାର କାର୍ଯ୍ୟକାରୀ ସଭ୍ୟ ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରି ଅର୍ଥନୈତିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବାକୁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରାଯିବ । ଏନେଇ ସଚେତନତା ସୃଷ୍ଟି କରାଯିବା ପାଇଁ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ବ୍ରାହ୍ମଣ ସମାଜ ପକ୍ଷରୁ ରହିଥିବା ବିଭିନ୍ନ ଆଭ୍ୟନ୍ତରଣୀୟ କାର୍ଯ୍ୟକ୍ରମ ଗୁଡିକୁ ଆଗେଇ ନେବା ସହ ସଙ୍ଗଠନକୁ ସୁଦୃଢ କରାଯିବା ନେଇ ଆଲୋଚନା ହୋଇଥିଲା। ଅଣ ସଂରକ୍ଷଣ ବର୍ଗଙ୍କୁ ନେଇ ପ୍ରତ୍ୟେକ ଜିଲାରେ କ୍ରିୟାନୁଷ୍ଠାନ କମିଟି ଗଠନ କରି ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ବ୍ରାହ୍ମଣ ସମାଜର ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ସଙ୍ଗଠନ ସମ୍ପାଦକ ଗଣେଶ୍ୱର ଦାଶ, କୋଷଧକ୍ଷ ଲକ୍ଷ୍ମିକାନ୍ତ ଦାଶ, ଜଗନ୍ନାଥ ମହାପାତ୍ର, ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଗୁପ୍ତ ଶଙ୍କର ଷଡଙ୍ଗୀ, ଶିବ ପ୍ରସାଦ ମିଶ୍ର, ଶକ୍ତି ବାହୀ ସଭାନେତ୍ରୀ ସାବିତ୍ରୀ ରଥ, ସମ୍ପାଦିକା ରେଣୁକା ଆଚାର୍ଯ୍ୟ, କୋଷାଧକ୍ଷ ମଞ୍ଜୁଳା ଖାଡଙ୍ଗା ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବ୍ରାହ୍ମଣ ସମାଜର ବୀର ବସନ୍ତ ପାଢୀ, ରାୟଗଡାର ମଦନ ମୋହନ ପାଢୀ, କୋଟପାଡର ଜିତେନ୍ଦ୍ରନାଥ ମହାପାତ୍ର, ଜୟପୁରର ଫକୀର ଚନ୍ଦ୍ର ସାମନ୍ତରାୟ, କୁମୁଳା ଗାଁ ପଞ୍ଚାନନ ହୋତା ପ୍ରମୁଖ ଯୋଗ ଦେଇଥିଲେ ।



ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ।

### ଏମଜିଏନଆରଇଜିଏସ ଜନଶୁଣାଣି

ନନ୍ଦାହାଣ୍ଡି,୧୬।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ଡଙ୍ଗରଭେଜା ବ୍ଲକ କାର୍ଯ୍ୟାଳୟ ଠାରେ ଏମଜିଏନଆରଇଜିଏସର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଅବାସ କାର୍ଯ୍ୟ ନେଇ ବିଶେଷ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକୁ ନେଇ ବିଡିଓ କର୍ଣ୍ଣଦେବ ସମରଥ ଅସନ୍ତୋଷ ପ୍ରକାଶ କରିଥିଲେ। ହିତାଧିକାରୀ ସେମାନଙ୍କ ଜମା ଖାତା ସହ ଆଧାର କାର୍ଡ ସଂଯୋଗ କରି ନ ଥିବା ଯୋଗୁ ସେମାନଙ୍କ ଗୃହ କାର୍ଯ୍ୟ ସରିଥିଲେ ସୁଦ୍ଧା ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ଜାଣିବାକୁ ମିଳିଥିଲା। ପିଇଓ, ଜିଆରଏସ ଏଥିପ୍ରତି ଦୃଷ୍ଟି ଦେବାକୁ ବିଡିଓ କର୍ଣ୍ଣଦେବ ସମରଥ କହିଥିଲେ। ଏଥିରେ ୭ ଜଣିଆ ନୂତନ କମିଟି ଗଠନ କରାଯାଇଥିଲା। କମିଟିରେ ବ୍ଲକ ଉପାଧ୍ୟକ୍ଷ ପୁଷ୍ପଲତା ଗୌଡ, ପ୍ରୟାସ ନିର୍ଦ୍ଦେଶକ ସନ୍ତୋଷ କୁମାର ଷଡଙ୍ଗୀ, ସାମାଜିକ କର୍ମୀ ସଦାଶିବ ସାହୁ, ବର୍ଣ୍ଣବାସ ନାୟକ, ଦିଲୀପ ସୁନା, ଦେବେନ୍ଦ୍ର ମାଝି, ଉର୍ଦ୍ଧବ ସାନ୍ତା ମନୋନୀତ ହୋଇଥିଲେ। ଡିଆରଡିଏ ପିଓ ରାଜେଶ ପଟ୍ଟନାୟକ, ଡିଷ୍ଟ୍ରିକ ସୋସିଆଲ ଅଡିଟର ବୈବସ୍ୱତ ଚଲାଣ, ବ୍ଲକ ଅଧ୍ୟକ୍ଷ ସନ୍ୟାସୀ ସୌରା, ଜିଲା ପରିଷଦ ସଭ୍ୟା ମମତା ଭତ୍ରା, ବେବୀ ମାଝି, ବ୍ଲକ ସୋସିଆଲ ଅଡିଟର ଦିଲୀପ କୁମାର ସୁନା, ଦେବେନ୍ଦ୍ର ମାଝି ଉପସ୍ଥିତ ଥିଲେ।

■ ଇନ୍ଦ୍ରାବତୀ ଫୁଟବଲ ଟୁର୍ନାମେଣ୍ଟ

# ନୂଆଗୁଡ଼ା ଦଳ ଚାମ୍ପିୟନ

ତେନ୍ତୁଳିଖୁଣ୍ଟି,୧୬।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଇନ୍ଦ୍ରାବତୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ନୂଆଗୁଡା ଦଳ ଚାମ୍ପିୟନ ହୋଇଛି। ଗ୍ରୁପ-ଏ ସେମିଫାଇନାଲ ମ୍ୟାଚ ପୂଜାରୀଗୁଡା ଓ ନୂଆଗୁଡା ମଧ୍ୟରେ ହୋଇଥିଲା। ନୂଆଗୁଡା ପୂଜାରୀଗୁଡାକୁ ୧-୦ ଗୋଲରେ ପରାସ୍ତ କରିଥିଲା। ୨ୟ ସେମିଫାଇନାଲ ମ୍ୟାଚ ଖାତିଗୁଡା ଓ ଚିତ୍ରକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିତ୍ରକୋଟ ଖାତିଗୁଡାକୁ ହରାଇଥିଲା। ଫାଇନାଲ ମ୍ୟାଚ ଚିତ୍ରକୋଟ ଓ ନୂଆଗୁଡା ମଧ୍ୟରେ ହୋଇଥିଲା। ନୂଆଗୁଡା ଚିତ୍ରକୋଟକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସଦନ ନାୟକ, ସମ୍ମାନିତ ଅତିଥି ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ ସଭାପତି ଅଖିଳ ଭତ୍ରା ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୬ ହଜାର ଟଙ୍କାର ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳକୁ ୪ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜୟଦାସ କର୍କରା ଓ ପ୍ରବୀଣ ଟାକ୍ରି ରେଫରୀ ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ୪୦ ହିତାଧିକାରୀଙ୍କୁ ଗ୍ୟାସ ବିତରଣ



ଗ୍ୟାସ ବିତରଣ କରାଯାଇଥିବା ହିତାଧିକାରୀଙ୍କ ସହ ବନ କର୍ମଚାରୀ।

ପାପଡାହାଣ୍ଡି,୧୬।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡଙ୍ଗରା ପଞ୍ଚାୟତ ପଙ୍ଗାଲଗୁଡାଠାରେ ରବିବାର ୪୦ ଜଣ ହିତାଧିକାରୀଙ୍କୁ ବନବିଭାଗ ଆନୁକୂଲ୍ୟରେ ଗ୍ୟାସ ବିତରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏଏସିଏଫ ଧର୍ନୁଜୟ ମହାପାତ୍ର, ଫରେଷ୍ଟର ରାମଚନ୍ଦ୍ର ଜାନୀ ପ୍ରମୁଖ ଯୋଗ ଦେଇ ସାନଓଲମା, ଖୁଟିଗଡା ଓ ପାଞ୍ଜରିଆଗୁଡାର ହିତାଧିକାରୀଙ୍କୁ ଗ୍ୟାସ ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସିଂ, ସୁରେଶ ମଣ୍ଡଳ, ଭଗବାନ ଭତ୍ରା, ଫରେଷ୍ଟ ଗାର୍ଡ ପ୍ରମୁଖ ସହଯୋଗ କରିଥିଲେ। ହିତଧିକାରୀଙ୍କୁ ଗ୍ୟାସର ଉପକାରିତା ଓ ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରାଇଥିଲେ।

# ବିଦ୍ୟୁତ୍ କାଟ ନେଇ ବଢୁଛି ଅସନ୍ତୋଷ

ଡାବୁଗାଁ,୧୬।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଗ୍ରାମାଞ୍ଚଳରେ ୧ମାସ ହେଲା ବାରମ୍ବାର ଆଘୋଷିତ ବିଦ୍ୟୁତ କାଟ ଲାଗି ରହିଛି। ଡାବୁଗାଁ ବ୍ଲକ ସଦରମହକୁମାଠାରୁ ୨ କିମି ଦୂରରେ ଗରୁଡଗୁଡା ଗ୍ରାମଠାରେ ବିଦ୍ୟୁତ ଗ୍ରୀଡ ସ୍ଥାପନ କରାଯାଇଛି । ଯାହାକି ଡାବୁଗାଁ ବ୍ଲକ ସହ ବିଭିନ୍ନ ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ସମାଧାନ ହୋଇପାରିବ। କିନ୍ତୁ ସମସ୍ୟାର ସମାଧାନ ବଦଳରେ ସମସ୍ୟା ବଢିଯାଇଛି। ଏହି ବ୍ଲକରେ ବାରମ୍ବାର ବିଦ୍ୟୁତ କାଟ ହେଉଛି ଓ ଯେତିକି ସମୟ ବିଦ୍ୟୁତ ରହୁଛି ତାହା ମଧ ଲୋ-ଭୋଲଟେଜ ଯୋଗୁଁ ସମସ୍ୟା ସୃଷ୍ଟି କରୁଛି। ବିଦ୍ୟୁତ ରହୁ ନ ଥିବାରୁ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟରେ କାମ ହୋଇପାରୁ ନାହିଁ। ଡାବୁଗାଁ ବ୍ଲକ ଅଧୀନ ଗ୍ରାମାଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ୪ଟି ଆବାସିକ ବିଦ୍ୟାଳୟ, ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ୬ ଟି ଆବାସିକ ବିଦ୍ୟାଳୟ ଓ ଗୋଟିଏ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଶହଶହ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି । ଆବାସିକ ବିଦ୍ୟାଳୟ ଗୁଡିକ ଗ୍ରାମାଞ୍ଚଳରେ ରହିଛି। ବର୍ତ୍ତମାନ ବର୍ଷା ଦିନ ଚାଲୁଥିବାରୁ ରାତିରେ ବିଦ୍ୟୁତ କାଟ ହେଉଥିବାରୁ କୋମଳମତି ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ଧାରରେ ବିଷଧର ଜୀବଙ୍କ ବିପଦ ରହୁଛି। ଏହା ସହ ପିଲାମାନଙ୍କ ପାଠପଢାରେ ଅସୁବିଧା ହେଉଛି । ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ବହୁ ସମସ୍ୟା ଭୋଗ କରୁଛନ୍ତି। ତେବେ ଏପରି ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟା ଲାଗି ରହିଲେ ଲୋକେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଲୋକେ କ'ଣ କୁହନ୍ତି...



"ଆମ ଅଞ୍ଚଳରେ ଦିନକୁ ମାତ୍ର ୪/୫ ଘଣ୍ଟା ବିଦ୍ୟୁତ ରହୁଛି । ତାହା ମଧ ଲୋ-ଭୋଲଟେଜ । ଫଳରେ ସନ୍ଧ୍ୟାରେ ପିଲାମାନେ ପାଠ ପଢିବା ଓ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଅସୁବିଧା ହେଉଛି।

-ଦୀନବନ୍ଧୁ ମାଝୀ ,ମେଦନା ଗ୍ରାମବାସୀ



"ଆମ ଅଞ୍ଚଳରେ ଦିନରେ କିଛି ସମୟ ବିଦ୍ୟୁତ ରହୁଛି । ରାତିରେ ପ୍ରାୟ ବିଦ୍ୟୁତ ରହୁନାହିଁ । ଯେତିକି ସମୟ ରହୁଛି ତାହା ମଧ ଲୋ- ଭୋଲଟେଜ । ବିଦ୍ୟୁତ ଉପରେ ଭରସା ନକରି ଲୋକେ ଡିବିରି ଜାଳି ଚଳୁଛନ୍ତି।

-ନିଳେନ୍ଦ୍ର ଭତ୍ରା,ବଡଓଲମା ସରପଞ୍ଚ



"୨୪ଘଣ୍ଟାରୁ ବିଦ୍ୟୁତ ପ୍ରାୟ ୧୪/୧୫ ଘଣ୍ଟା ରହୁନାହିଁ । ଗୋଟିଏ ସ୍ଥାନରେ ଫ୍ୟୁଜ ଗଲେ ତାହା ସଜାଡିବାକୁ ୩/୪ ଘଣ୍ଟା ଲାଗୁଛି । ଏଥିରୁ ବିଭାଗୀୟ କର୍ମଚାରୀ କେତେ ନିଜ କର୍ତ୍ତବ୍ୟ ପ୍ରତି ଯତ୍ନବାନ ସ୍ପଷ୍ଟ ଜଣାପଡେ।

-ଧନସିଂ ଭତ୍ରା,ଘୋଡାଖୁଣ୍ଟା ସରପଞ୍ଚ



"ଆମ ଅଞ୍ଚଳ ସହ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଲେଣି । ସାମାନ୍ୟ ପବନ ବୋହିଲେ ବହୁ ସମୟ ଧରି ବିଦ୍ୟୁତ କାଟ ହେଉଛି । ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଲାଣି ।ଆଗାମୀ ଦିନରେ ଏହାର କୌଣସି ସ୍ଥାୟୀ ସମାଧାନ ନହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ । ଆଇନକୁ ବି ହାତକୁ ନେବାକୁ ପଛାଇବେ ନାହିଁ ।

- ଧର୍ମାନନ୍ଦ ନାୟକ, ଚଚରାଗୁଡା ସରପଞ୍ଚ

## ସଂକ୍ଷେପରେ


ଟିକିରି ଚତୁରମଣିରେ ପୂଜା ପାଉଥିବା ଗଜାନନ।

### ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳା ମୃତ

**ଗୁଣପୁର,୧୬।୯(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁର ସହର ମୁତ୍ୟାଲାମା ମନ୍ଦିର ନିକଟରେ ରବିବାର ରାତିରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଅଞ୍ଚଳର ସୁବାସିନି ଗୌଡ(୪୦)। ରବିବାର ରାତ୍ରରେ ମୁତ୍ୟାଲାମା ମନ୍ଦିର ନିକଟସ୍ଥ ଟ୍ରାନ୍ସଫର୍ମର ବ୍ଲାଷ୍ଟ ହୋଇଯିବା ଫଳରେ ତାର ଛିଣ୍ଡି ସୁବାସିନିଙ୍କ ଘର ଉପରେ ପଡିଥିଲା। ଏଥିରେ ତାଙ୍କର ୨ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ସୁବାସିନି ଗୁରୁତର ହୋଇଥିଲେ। ପରିବାର ଲୋକେ ସୁବାସିନିଙ୍କୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

### ନାହାନ୍ତି ଶାଖା ପରିଚାଳକ, ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ

**ମୁନିଗୁଡା, ୧୬।୯(ଡି.ଏନ୍.ଏ):** ରାୟଗଡା ଜିଲା ମୁନିଗୁଡାସ୍ଥିତ ଷ୍ଟେଟ ବ୍ୟାଙ୍କରେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ଶାଖା ପରିଚାଳକ ନ ଥିବାରୁ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ପୂର୍ବତନ ଶାଖା ପରିଚାଳକ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶାଖା ପରିଚାଳକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଅସୁସ୍ଥତା କାରଣରୁ ସେ ଲମ୍ବା ଛୁଟିରେ ଥିବାରୁ କ୍ଷେତ୍ର ପରିଚାଳକ ତାଙ୍କ ଦାୟିତ୍ୱ ତୁଲାଉଛନ୍ତି। କିନ୍ତୁ ବିଭିନ୍ନ ଋଣ ନେବାକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ସେହିଭଳି କେତେଜଣ କର୍ମଚାରୀଙ୍କୁ ଡେପୁଟେଶନରେ ଅନ୍ୟ ଶାଖାକୁ ପଠାଯାଇଥିବାରୁ ମଧ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମୁନିଗୁଡା ଏକ ବ୍ୟବସାୟିକ ପେଣ୍ଠ ହୋଇଥିବାରୁ ଏଠାରେ ଦୈନିକ ଲକ୍ଷାଧିକ ଟଙ୍କାର କାରବାର କରାଯାଉଛି। ତେଣୁ ତୁରନ୍ତ ସ୍ଥାୟୀ ଶାଖା ପରିଚାଳକ ନିଯୁକ୍ତି ଦେବାକୁ ଦାବି ହୋଇଛି।

### ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ବିଷମକଟକ, ୧୬।୯(ଡି.ଏନ୍.ଏ.):** ବିଷମକଟକ କଲ୍ୟାଣ ମଣ୍ଡପରେ ରବିବାର ଦଶହରା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ କେଶବ ରଥ, ରାମ ରଥ, ସପନ ରଥ ରୀତିନୀତି ଅନୁଯାୟୀ ପୂଜା ହୋମ ଓ ପୂଜାପାଠ କରିବା ପରେ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଏହି ସମୟରେ ଉପସ୍ଥିତ ଥିଲେ।

### ସାଂସ୍କୃତିକ କାର୍ଯ୍ୟକ୍ରମ




**ଗୁଣପୁର,୧୬।୯(ଡି.ଏନ୍.ଏ):** ଗଣେଶ ପୂଜା ଉପଲକ୍ଷେ ଏଇମ କୋଚିଂ ସେଣ୍ଟରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଅଶୋକ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଶିକ୍ଷକ କୃଷ୍ଣଚନ୍ଦ୍ର ସେନାପତି, ଗଙ୍ଗାଧର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗୌରୀଶଙ୍କର କର, ସୁଶାନ୍ତ ପାଢୀ, ପ୍ରଦୀପ ପାଢୀ ଏବଂ ସୁରେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକିଲା ଟ୍ରକ

# ଜାତୀୟ ରାଜପଥ ୮ଘଣ୍ଟା ଅଚଳ

**ଜେକେପୁର, ୧୬।୯(ଡି.ଏନ୍.ଏ.)**

ରାୟଗଡା ଜିଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ମୁକୁନ୍ଦପୁର ଘାଟି ରାସ୍ତାଟି ଭୌଗୋଳିକ ସ୍ଥିତି କାରଣରୁ ଅଣଓସାରିଆଭାବେ ନିର୍ମିତ ହୋଇଛି। ଏହାଛଡା ସେଠାରେ ଏବେ ସୁଦ୍ଧା ରାସ୍ତା ନିର୍ମାଣ ଚାଲିଥିବାରୁ ବିଭିନ୍ନ ସମୟରେ ଏଠାରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇ ଆସୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟାଘଣ୍ଟା ଗାଡି ଅଟକି ରହୁଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ରାତିରେ ଉକ୍ତ ରାସ୍ତାରେ ଏକ ଟ୍ରକ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ଯିବାରୁ ରବିବାର ସକାଳ ପର୍ଯ୍ୟନ୍ତ ଏଠାରେ ଗାଡି ଚଳାଚଳ ବନ୍ଦ ଥିଲା। ଫଳରେ ବହୁ ଯାତ୍ରୀ ଏଠାରେ ଅଟକି ରହିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଏକ ଜେସିବି ସାହାଯ୍ୟରେ ଟ୍ରକଟିକୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

**୩୨୬ ନଂ ଏନ୍‌ଏଚ୍**

■ ଅଣଓସାରିଆ ରାସ୍ତା ଯୋଗୁ ବଢୁଛି ଟ୍ରାଫିକ ସମସ୍ୟା, ଦୁର୍ଘଟଣା

■ ବିଭିନ୍ନ ଦୁର୍ଘଟଣା ଓ ଅଭିଯୋଗ ପରେ ମଧ ପ୍ରଶାସନ ନୀରବଦ୍ରଷ୍ଟା


ରାସ୍ତାରେ ଅଟକିଥିବା ଟ୍ରକ।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ରାୟଗଡାରୁ ବ୍ରହ୍ମପୁରକୁ ଯାଉଥିବା ଏକ ମାଲବାହୀ ଟ୍ରକ (ଏମ୍‌ଏଚ୍-୨୧ବିଏଚ୍ ୦୦୧୩ ) ମୁକୁନ୍ଦପୁର ଘାଟିର ୪ନମ୍ବର ବୁଲାଣିରେ ଉପରକୁ ଉଠୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା ମଝିରେ ଅଟକିଯାଇଥିଲା। ଟ୍ରକ ଅଟକିବା ପରେ ଅଣଓସାରିଆ ରାସ୍ତା ଯୋଗୁ ରାୟଗଡାରୁ ଭୁବନେଶ୍ୱର, ଗୁଣପୁର ଏବଂ ଗୁଣପୁରରୁ ଭୁବନେଶ୍ୱରକୁ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ ସେଠାରେ ଅଟକି ଥିଲା। ମୁକୁନ୍ଦପୁର ଘାଟି ଏକ ଜଙ୍ଗଲ ମଧ୍ୟରେ ହୋଇଥିବାରୁ ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ରବିବାର ସକାଳ ୮ଟାରେ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ହର୍ଷଚନ୍ଦ୍ର ପାଣି ଓ ଚାନ୍ଦିଲି ଥାନାଧିକାରୀ ମନୋଜ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ମେଶିନ ସାହାର୍ଯ୍ୟରେ ଟ୍ରକକୁ ରାସ୍ତାକଡକୁ ଘଞ୍ଚାଇବାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଭଳି ଘଟଣା ଘଟୁଥିବା ନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର ଉପରେ କୌଣସି ପଦକ୍ଷେପ ନେଉ ନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ଜମିକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ

■ ଗଣ୍ଡଗୋଳରୁ ମହିଳା ଆହତ, ଥାନାରେ ଏତଲା

**ଚନ୍ଦ୍ରପୁର,୧୬।୯(ଡି.ଏନ୍.ଏ):**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସାରିକିମା ପଞ୍ଚାୟତ ଅନ୍ତର୍ଗତ ରାପଟାବାଲି ଏବଂ ଟାପରାଙ୍ଗ ଦୁଇ ଗ୍ରାମ ମଧ୍ୟରେ ଏକ ଜମିକୁ ନେଇ ବିବାଦ ମୁଣ୍ଡ ଟେକିଛି। ଟାପରାଙ୍ଗ ଗ୍ରାମର କିଛି ଲୋକ ସ୍ଥାନୀୟ ରାପଟାବାଲି ନିକଟସ୍ଥ ଜମିକୁ କିଛିଦିନ ହେଲା ଚାଷ କରି ଆସୁଥିବା ଦାବି କରୁଛନ୍ତି। ଅନ୍ୟପଟେ ରାପଟାବାଲି ଗ୍ରାମର ଅନୁସୂଚିତ ଜନଜାତି ଲୋକେ ଏହା ଆମର ଜମି ବୋଲି ଦାବି କରୁଛନ୍ତି। ଏହାକୁ ନେଇ ବିବାଦ ଘନେଇବାରେ ଲାଗିଛି। କିଛି ଅଞ୍ଚଳବାସୀ ଉକ୍ତ ଜମିକୁ ଜଙ୍ଗଲ ଜମି ପଟ୍ଟା ସୂତ୍ରରେ ପାଇଛୁ ବୋଲି ଦାବି କରୁଛନ୍ତି। ଏହି ବିବାଦ ଭିତରେ ଉକ୍ତ ଜମି କାହାର ଏବେ ସ୍ପଷ୍ଟ ହୋଇପାରିନାହିଁ। ଏପରି ସ୍ଥଳେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ତୀବ୍ର ହୋଇଛି। ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଟାପରାଙ୍ଗ ଗ୍ରାମର ମହିଳା ସରମୀନା ବାଗସିଂ, ଜିମିନା ବାଗସିଂ, ପ୍ରସନ୍ନା ବାଗସିଂ ଆହାତ ହୋଇ ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏମାନେ ଚନ୍ଦ୍ରପୁର ଥାନାରେ ଲିଖିତ ଏତଲା ମଧ ଦେଇଛନ୍ତି। ଏତଲାକୁ ଭିତ୍ତିକରି ଚନ୍ଦ୍ରପୁର ଥାନା ସବ୍-ଇନସ୍ପେକ୍ଟର ସମୀର ପ୍ରଧାନ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି। ରପଟାବାଲି ଗ୍ରାମର କୁବାରା ବ୍ରେକେବେଡା, ଲକି ବ୍ରେକେବେଡ଼ା, ପି. ବ୍ରେକେବେଡା ପ୍ରମୁଖଙ୍କ ନାମରେ ବିଭିନ୍ନ ଦଫା ଲାଗିଥିବା ସବ୍ -ଇନ୍‌ସ୍ପେକ୍ଟର ପ୍ରଧାନ କହିଛନ୍ତି। ରାଜସ୍ୱ ବିଭାଗ ଦ୍ୱାରା ଚିହ୍ନଟ କରାଗଲେ ଉକ୍ତ ଜମିର ପ୍ରକୃତ ମାଲିକ କିଏ ତାହା ଜଣାପଡ଼ିବ ବୋଲି ଅଞ୍ଚଳବାସୀ କହିଛନ୍ତି।

■ ଅଙ୍ଗନୱାଡି ପରିଚାରିକା, ସହାୟିକା ସାମ୍ମୁଖ୍ୟର ପ୍ରେସ ବିବୃତି

# କ୍ଷମତା ସରିବା ବେଳେ ତୁଷ୍ଟୀକରଣର ଅପଚେଷ୍ଟା

**ରାୟଗଡା ଅଫିସ,୧୬।୯**

କୋଲନରାଠାରେ ରବିବାର ନିଖିଳ ଓଡ଼ିଶା ଅଙ୍ଗନୱାଡି ପରିଚାରିକା ଓ ସହାୟିକା ସାମ୍ମୁଖ୍ୟର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାଙ୍କୁ ନେଇ ଏକ ବୈଠକ କରାଯାଇଛି। ସାମ୍ମୁଖ୍ୟର ରାୟଗଡା ଜିଲା ସଂଘ ସଭାନେତ୍ରୀ ପ୍ରଭାତ ନଳିନୀ ଜେନା, ସମ୍ପାଦିକା ସନ୍ଧ୍ୟାରାଣୀ ବାରିକ, ଉପସଭାନେତ୍ରୀ ମଞ୍ଜୁଶ୍ରୀ ମହାପାତ୍ର, କୋଷାଧକ୍ଷା ମମତା ଗନ୍ତାୟତଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।

ଭାରତର ପ୍ରଧାନମନ୍ତ୍ରୀ କିଛିଦିନ ପୂର୍ବେ ଅଙ୍ଗନୱାଡି କର୍ମୀଙ୍କ ୧୫୦୦, ମିନି ଅଙ୍ଗନୱାଡିକର୍ମୀଙ୍କ ୧୨୫୦ ଓ ସହାୟିକାଙ୍କ ପାଇଁ ୭୫୦ ଟଙ୍କା ବୃଦ୍ଧି କରିଛନ୍ତି। ଏହା ସେମାନଙ୍କ ପ୍ରତି ଉପହାସ ବୋଲି ସାମ୍ମୁଖ୍ୟ କହିଛି। ଏହା ସେମାନଙ୍କ କାମ ତୁଳନାରେ ଯଥେଷ୍ଟ ନୁହେଁ। କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ ଆଇସିଡିଏସ୍ ବଜେଟ୍‌ରୁ ଅର୍ଥ କମ କରିଥିଲେ। ବର୍ତ୍ତମାନ କ୍ଷମତାରୁ ବିଦାୟ ନେବା ସମୟରେ ବାହାଃ ବାହାଃ ନେବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ଏଥିରେ ଉଲ୍ଲେଖ ରହିଛି। ୧୯୭୫ରେ କେନ୍ଦ୍ର ଆଇସିଡିଏସ୍ ପ୍ରୋଜେକ୍ଟରେ ସରକାର ଶତକଡା ୧୦୦ ଭାଗ ଅନୁଦାନ ପ୍ରଦାନ କରୁଥିଲେ। ୧୯୯୮ରେ ଏଥିରେ ପରିବର୍ତ୍ତନ କରି କେନ୍ଦ୍ର ୯୦ ଭାଗ ଓ ରାଜ୍ୟ ସରକାର ୧୦ ଭାଗ ଅନୁଦାନ ଦେଇଥିଲେ। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଅଙ୍ଗନୱାଡି କର୍ମୀମାନଙ୍କୁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅନୁଦାନ ପ୍ରଦାନ କରୁଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ କେନ୍ଦ୍ର ସରକାର ୬୦ ପ୍ରତିଶତରୁ ବି କମ୍ ଦରମା ଦେଉଛନ୍ତି। ତାଙ୍କ ହାତ ବାରସି ସାଜିଥିବା କେତେକ ସଙ୍ଗଠନ ଅଙ୍ଗନୱାଡି କର୍ମୀଙ୍କୁ ମିଛ ପ୍ରତିଶ୍ରୁତିଦେଇ ରାଲି, ସମ୍ମିଳନୀ, ସଭ୍ୟ ଚାନ୍ଦା ନାମରେ ହଜାର ହଜାର ଟଙ୍କା ଲୁଟ୍‌ପାଟ କରୁଛନ୍ତି ବୋଲି ପ୍ରେସ ବିବୃତିରେ ସାମ୍ମୁଖ୍ୟ କହିଛି। ଅଙ୍ଗନୱାଡି କର୍ମୀଙ୍କୁ ରିଟାୟାରମେଣ୍ଟ ବେନିଫିଟ୍ ୨ ଲକ୍ଷ ବା ଲକ୍ଷେ, ୧୮ ହଜାର ଟଙ୍କା ଦରମା, ଗ୍ରୀଷ୍ମକାଳୀନ ଛୁଟି ଲାଗୁ, ସ୍ଥାୟୀ କର୍ମଚାରୀ ଘୋଷଣା କେବେ ହେବ ବୋଲି ସଂଘ ପ୍ରଶ୍ନ କରିଛି।



ନିଖିଳ ଓଡ଼ିଶା ଅଙ୍ଗନୱାଡି ପରିଚାରିକା ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ୫୫, ୫୫୫ ଟଙ୍କାରେ ଲଡୁ ନିଲାମ

**ଅମ୍ବାଦଳା, ୧୬।୯(ଡି.ଏନ୍.ଏ.)**

ଅମ୍ବାଦଳ ସହରସ୍ଥିତ ଫ୍ରେଣ୍ଡସ ପୂଜା କମିଟି ପକ୍ଷରୁ ନେତାଜି କ୍ଲବ ନିକଟରେ ଗଣେଶ ପୂଜା ପାଳିତ ହୋଇଛି। ପୂଜା କମିଟି ପକ୍ଷରୁ ପ୍ରସ୍ତୁତ ହୋଇଥିବା ୨୫ କେଜି ଲଡୁକୁ ନିଲାମ କରାଯାଇଛି। ସ୍ଥାନୀୟ ବ୍ୟବସାୟୀ ଏସ୍. ଜଗନ୍ନାଥ ପାତ୍ର ୫୫ହଜାର ୫ଶହରେ ନଇଲାମ ନେଇଥିଲେ। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ, ରାଜନେତା, ସାମାଜିକ କର୍ମୀ ନିଲାମରେ ଭାଗ ନେଇଥିଲେ। ଏହି ଅବସରରେ ଗତବର୍ଷ ୫୧ ହଜାର ୨ଶହ ଟଙ୍କାରେ ଲଡୁ ନିଲାମ ନେଇଥିବା ୨ଜଣ ବ୍ୟବସାୟୀ ଜି.ପରମେଶ୍ୱର ଓ ଜି. ନାଗେଶ୍ୱରଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଜି.କ୍ରିଷ୍ଣା ରାଜୁ, ଭି. ସନ୍ଦିପ, ଭି. ଉମାଶଙ୍କର, ବି.ବିକ୍ରମ, ଏମ୍.କିରଣ, ଏନ୍. କିଶୋର, ଭି. ଅନ୍ୱେଷ, ଭି.ପ୍ରେମ ନାଥ, ଆଇ.ସତ୍ୟା, କାର୍ତ୍ତିକ ସାହୁକାର, ଜି.ସୁରେଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଟଳ ସ୍ମୃତି ପରିଷଦର କାବ୍ୟାଞ୍ଜଳି କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାୟଗଡା ଅଫିସ, ୧୬।୯**

ରାୟଗଡା ସଦର ମହକୁମାସ୍ଥିତ ସେଣ୍ଟର ଫର୍ ଏଜୁକେଶନରେ ଅଟଳ ସ୍ମୃତି କାବ୍ୟାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କବିତା ଓ ଜୀବନୀ ଉପରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାହିତ୍ୟିକ ଦୁଷ୍ମନ୍ତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ବାଜପେୟୀଙ୍କ କାବ୍ୟ କବିତା ଦେଶପାଇଁ ଉତ୍ସର୍ଗୀକୃତ। ତାଙ୍କର ସେବା ମନୋବୃତି ଓ ରାଜନୀତି ଜୀବନୀରୁ ବହୁତ କିଛି ଶିଖିବାର ଅଛି ବୋଲି ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିବା ନରେନ୍ଦ୍ର ମିଶ୍ର କହିଛନ୍ତି। ସୁଶାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୁମୁଦ ଚନ୍ଦ୍ର ମିଶ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି କାଳିରାମ ମାଝି, ରାଜେନ୍ଦ୍ର ସାହୁ, ରଜତ୍ ମାଦଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଜପେୟୀଙ୍କ ରଚିତ କବିତା ପାଠ କରାଯାଇଥିଲା। କବି ଜୟଦେବ ସିଂ, ଆଶୁତୋଷ ପାତ୍ର, ନିରଞ୍ଜନ ନାୟକ, ଶ୍ରୀଧର ପଟ୍ଟନାୟକ, ତ୍ରିବେଣୀ ମିଶ୍ର, ରାଜପ୍ରସାଦ ବିଶୋୟୀ, କୈଳାସ ମହାରଣା, ଭାରତୀ ପ୍ରଧାନ, ଜ୍ୟୋତିର୍ମୟୀ ମହାପାତ୍ର, ବି ଅନନ୍ତା, ଉମ୍ବରୁଧର ପଟ୍ଟନାୟକ, ସବିତା ମିଶ୍ର, ସସ୍ମିତା ପାଢୀ, ଏମ୍. ରାମା ରାଓଙ୍କ ସମେତ ବହୁ କବି ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତର ରାମ ପ୍ରସାଦ ମିଶ୍ରଙ୍କଦ୍ୱାରା ଆଗରୁ ଉନ୍ମୋଚିତ ବହିକୁ ରାୟଗଡା ମାଟିକୁ ସମର୍ପିତ କରାଯାଇଥିଲା।

## ଷ୍ଟେଶନ ପାଖରେ ଏଟିଏମ୍ ଖୋଲିବାକୁ ଦାବି

**ଟିକିରି, ୧୬।୯(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ରେଳ ଷ୍ଟେଶନ ନିକଟରେ ଏକ ଏଟିଏମ୍ ଖୋଲିବାକୁ ଲୋକେ ଦାବି କରିଛନ୍ତି। ଷ୍ଟେଶନରେ ଏଟିଏମ୍‌ଟିଏ ନ ଥିବାରୁ ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଷ୍ଟେଶନ ପାଖ ଉତ୍କଳ ଆଲୁମିନା ଗେଷ୍ଟ ହାଉସ୍ ନିକଟରେ ଭାରତୀୟ ଷ୍ଟେଟବ୍ୟାଙ୍କର ଏକ ଏଟିଏମ୍ ଥିଲା। ଏଥିଯୋଗୁ ସ୍ଥାନୀୟ ଲୋକେ ଓ ଯାତ୍ରୀ ବିଭିନ୍ନ ସୁବିଧା ପାଉଥିଲେ। ତେବେ ଉକ୍ତ ଏଟିଏମ୍ ଅନ୍ୟତ୍ର ସ୍ଥାନାନ୍ତର ହେବାପରେ ଲୋକେ ବହୁ ହନ୍ତସନ୍ତ ହେଉଛନ୍ତି। ତେଣୁ ତୁରନ୍ତ ରେଳ ଷ୍ଟେଶନ ନିକଟରେ ଏକ ଏଟିଏମ୍ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବର୍ଷାରେ ବିଦାୟ ନେଲେ ଗଜାନନ

**ଟିକିରି, ୧୬।୯ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ବିଦ୍ୟାଦାତା ଗଣେଶଙ୍କ ଭସାଣି ଅନୁଷ୍ଠିତ ହୋଇଛି। ବଣିକ ସଂଘ, ଶୋଉତ ସାହୁ, ମେନ୍‌ରୋଡ୍ ପୂଜା ମଣ୍ଡପସ୍ଥିତ ଗଣେଶଙ୍କ ଭସାଣୀ କରାଯାଇଛି। ସେହିପରି ଟିକିରି ବଣିକ ସଂଘର ପୂଜାମଣ୍ଡପର ଲଡୁକୁ ରବିବାର ନିଲାମ କରାଯାଇଛି। ଏହାକୁ ଟିକିରିର ଗୋପାଳ ସାହୁ ୯୨୦୦ ଟଙ୍କାରେ ନିଲାମ ନେଇଥିଲେ। ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ଭସାଣିଯାତ୍ରା ଶେଷ ହୋଇଛି।



ବଣିକ ସଂଘ ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଛି।

## ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ, ୧୬।୯**

ସୁଲଭ ଇଣ୍ଟର ନ୍ୟାସନାଲ ପକ୍ଷରୁ ଶନିବାର ରାୟଗଡ଼ା ସହରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ବିଜୁ ପଟ୍ଟନାୟକ ବସ ଟରମିନାଲ, ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଆଖପାଖ ଅଞ୍ଚଳରେ ପଡ଼ି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ସୁଲଭ ଇଣ୍ଟର ନ୍ୟାସନାଲର ରାୟଗଡ଼ା ଓ ଗଜପତି ଜିଲା ଦାୟିତ୍ୱରେ ଥିବା ମୃତ୍ୟୁଞ୍ଜୟ କୁମାର ସିଂ ଓ କର୍ମଚାରୀମାନେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଶିଶୁ ମନ୍ଦିରରେ ମାତୃ କର୍ମଶାଳା

**ଗୁଡାରୀ, ୧୬।୯ (ଡି.ଏନ୍.ଏ.)**

ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଏକ ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ଜଣେ ଶିଶୁ ନାମ ଲେଖାଇବା ପରେ ତାକୁ ଗୀତ, ଗପ, ଖେଳ, ଶାରୀରିକ ସଂଯମତା, ସଂସ୍କୃତି, ଉତ୍ତମ ବ୍ୟବହାର ଦ୍ୱାରା କିଭଳି ଶିକ୍ଷା ଦିଆଯାଏ ଉପସ୍ଥିତ ମା’ମାନଙ୍କୁ ବୁଝାଯାଇଥିଲା। ପିଲାଟି ସ୍କୁଲରୁ ଘରକୁ ଗଲା ପରେ ସେଠାରେ ମା’ମାନଙ୍କ କ’ଣ ଦାୟିତ୍ୱ ରହିଛି ସେ ସମ୍ବନ୍ଧରେ ଶିକ୍ଷା ଦିଆଯାଇଥିଲା। ଗୁରୁମାମାନେ ଅଭିନୟ ମାଧମରେ ମା’ମାନଙ୍କୁ ଏ ସମ୍ବନ୍ଧରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ସୁଜାତା ପାତ୍ର ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟସିଂହ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।


କର୍ମଶାଳାରେ ଉପସ୍ଥିତ ମା’ଙ୍କ ସହ ଗୁରୁମାମାନେ।

# ସମ୍ବର୍ଦ୍ଧନା ଆଳରେ ଶକ୍ତି ପ୍ରଦର୍ଶନ

**ଥମୁନି ଗୋଷ୍ଠୀ କନ୍ଦଳ**

■ କଂଗ୍ରେସ ଜିଲା ସଭାପତିଙ୍କ ବିରୋଧୀ ଗୋଷ୍ଠୀ ପେଙ୍ଗୁଡ଼ାଠାରେ ଏକାଠି

■ ଜିଲା କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା

■ ଦଳ ଭିତରେ ଅସନ୍ତୋଷ ନାହିଁ: ରଘୁ ପାତ୍ର

**ଗୁଣପୁର,୧୬।୯(ଡି.ଏନ୍.ଏ.)**

ରାୟଗଡା ଜିଲା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଥମିବାରେ ନାଁ ଧରୁନି। ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ହେବା ପରେ ଜିଲାରେ ଥିବା ଦଳୀୟ ଗୋଷ୍ଠୀ କନ୍ଦଳକୁ ପ୍ରଶମିତ କରିବା ପାଇଁ ଜିଲା ସଭାପତି ଦୂର୍ଗା ପଣ୍ଡା ରହିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ରଘୁନାଥ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ଏହି ତୁଷ୍ଟୀକରଣ ଉଦ୍ୟମ ସଫଳ ହୋଇନାହିଁ। ଜିଲା ସଭାପତି ଏବଂ ତାଙ୍କ ବିରୋଧୀ ଗୋଷ୍ଠୀଙ୍କୁ ନେଇ ଛକାପଞ୍ଝା ବର୍ତ୍ତମାନ ସୁଦ୍ଧା ଲାଗି ରହିଛି।

ବିଭିନ୍ନ ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ କନ୍ଦଳ, ଗୋଟିଏ ଗୋଷ୍ଠୀ ଆଉ ଗୋଟିଏ ଗୋଷ୍ଠୀଙ୍କୁ ଛାଡି ବୈଠକ କରିବା ଭଳି ଘଟଣା ନଜିର ରହିଛି। ଏହିକ୍ରମରେ ରବିବାର ପେଙ୍ଗୁଡାରେ ନବ ନିଯୁକ୍ତ ଜିଲା କାର୍ଯ୍ୟକାରୀ ସଭାପତି ତଥା ଗୁଡାରି ଅଞ୍ଚଳର ପୁରୁଖା କଂଗ୍ରେସ ନେତା ରଘୁନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଆଳରେ ବୈଠକ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି କିମ୍ବା ତାଙ୍କ ସମର୍ଥକ ଗୋଷ୍ଠୀର କୌଣସି ନେତାଙ୍କ ଦେଖା ନ ମିଳିବା କଂଗ୍ରେସରେ ଥିବା କନ୍ଦଳର ସ୍ପଷ୍ଟ ସଙ୍କେତ ଦେଉଛି। ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ପେଙ୍ଗୁଡା ଭୈରବୀ ମନ୍ଦିର ନିକଟରେ ହୋଇଥିବା ବୈଠକରେ ଜିଲା ସଭାପତି ବିରୋଧୀ ଗୋଷ୍ଠୀ କୁହାଯାଉଥିବା ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଘଟଣାରୁ ଦଳରେ ସବୁ କିଛି ଠିକ ନ ଥିବା ପରି ମନେ ହେଉଛି। ଆଗାମୀ ନିର୍ବାଚନ ପାଇଁ ଏହା ଶୁଭ ସଙ୍କେତ ନୁହେଁ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଉମାଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଷମକଟକର ପୂର୍ବତନ ବିଧାୟକ ଉମ୍ବରୁଧର ଉଲାକା, ଗୁଣପୁରର ବରିଷ୍ଠ କଂଗ୍ରେସ ନେତା ଏ.ନାଗଭୂଷଣ ରାଓ, ଏ. ନାଗୁ, ଶ୍ରୀକାନ୍ତ ବେହେରା, ରାମନାଗୁଡାର କଂଗ୍ରେସ ନେତା ତଥା ଜିଲା ଉପ ସଭାପତି ମୁନା ନନ୍ଦ, ଭୋଳାନାଥ ମହାକୁଡ, ପୂର୍ବତନ ଗୁଣପୁର ବ୍ଲକ ସଭାପତି ଜଗବନ୍ଧୁ ଗମାଙ୍ଗ, ଫାଲଗୁନି ଶବର, ପୂର୍ବତନ ଜିଲା ପରିଷଦ ସଭାପତି କେତକୀ ଗମାଙ୍ଗ, ମୁନିଗୁଡାର ଚନ୍ଦ୍ରଶେଖର ବେହେରା, ଗୁଡାରୀର ନେତା ରାମମୂର୍ତ୍ତି ବୁରୁଲୁଙ୍କ ସମେତ ରାୟଗଡା, କଲ୍ୟାଣସିଂହପୁର, ବିଷମକଟକ, ପଦ୍ମପୁର ସହ ଜିଲାର ଅନେକ ଅଞ୍ଚଳରୁ କଂଗ୍ରେସ ନେତା ଏବଂ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନେତା କୁଶ ମହାନ୍ତି, ବନ୍ଧୁ ଗମାଙ୍ଗ, ଏ. ନାଗ ଭୂଷଣ ରାଓ, ଆପାରାଓ ମୁଟିକା, ମାର୍କଣ୍ଡ ବାଉରି ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ଭାବେ ରଘୁନାଥ ପାତ୍ର ନିଯୁକ୍ତି ପାଇବା ପରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଇଥିଲା ବୋଲି ବିଜୟ ଗମାଙ୍ଗ କହିଛନ୍ତି। ଦଳ ଭିତରେ କୌଣସି ଅସନ୍ତୋଷ ନାହିଁ ବରଂ ଏହାକୁ ସୁଦୃଢ଼ କରିବାକୁ କାର୍ଯ୍ୟକ୍ରମମାନ କରାଯାଉଛି ବୋଲି ରଘୁ ପାତ୍ର କହିଛନ୍ତି।



ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ।

